APRIL 2023

# ବସୁନ୍ଧରା ବାର୍ତ୍ତା

VASUNDHARA
democratizing natural resource governance

Vasundhara Newsletter, 10th MAY

KIIT Square, Plot No. #1731/C, Das Mohapatra Complex, Opposite of Sai Villa PO: KIIT Campus, Dist:, Patia Station Road, Patia, Bhubaneswar, Odisha 751024




## ସାରାଂଶ :

- ରଣପୁରରେ କ୍ଷେତ୍ର ପରିଦର୍ଶନ କଲେ ଭାବି ଓଏଏସ୍ ଅଧିକାରୀ ।
- ଯଶୀପୁରରେ ଏନ୍‌ଜିଓ ସମନ୍ୱୟ ବୈଠକ ।
- ମନୋରମା ଇଣ୍ଡଷ୍ଟ୍ରିର ଓରିଏଣ୍ଟସନ୍ ଡ୍ରାଇଭ୍ ।
- ଆରମ୍ଭ ହେଲା ଡବ୍ଲ୍ୟୁଏଚ୍ଏଚ୍ କାର୍ଯ୍ୟକ୍ରମ ।
- କୁଆଁରିଆ ମହୋତ୍ସବ
- ସିଆର୍ ଓ ସିଏଫ୍ଆର୍‌ର ମିଳିତ ଯାଞ୍ଚ ।
- ବୈଠକ ଓ ତାଲିମ ।
- ବିସୋଇରେ ମାମଲା ଗୁଡିକର ରେକର୍ଡ ଦାଖଲ ।
- ସିଏଫ୍ଏମ୍ଆର୍‌ସି ଗଠନ ।
- ରିକ୍ଲେମ୍ ପ୍ରୋସେସ୍ ଫେସିଲିଟେସନ୍ ।
- ଇଣ୍ଟର୍ଣ୍ଣସିପ୍ ଡାଇରିଜ୍ ।

## ବସୁନ୍ଧରାର କ୍ଷେତ୍ର ପରିଦର୍ଶନ କଲେ ଭାବି ଓଏଏସ୍:



ଗୋପବନ୍ଧୁ ଏକାଡେମୀରେ ତାଲିମପ୍ରାପ୍ତ ଓଡିଶାର ଭାବି ପ୍ରଶାସନିକ ଅଧିକାରୀ (ଓଏଏସ୍ ପ୍ରୋବେସନର)ମାନଙ୍କର ଏକ ବ୍ୟାଚ୍ ଚଳିତ ମାସ ରଣପୁରକୁ ଏକ ଦିନିକିଆ ଗସ୍ତରେ ଯାଇଥିଲେ । ଏହି ଦିନିକିଆ ଗସ୍ତ କାଳରେ ସେମାନେ ବସୁନ୍ଧରାର କ୍ଷେତ୍ର ପରିଦର୍ଶନ କରିଥିଲେ । ଯେଉଁଠାରେ ସେମାନେ ସ୍ଥାନୀୟ ଲୋକଙ୍କ ସହ ଜଙ୍ଗଲ ଅଧିକାର ଅଧିନିୟମ, ସ୍ଥାନୀୟ ଅଞ୍ଚଳରେ ଏହାର କାର୍ଯ୍ୟକାରିତା, ଜଙ୍ଗଲଜାତ ଦ୍ରବ୍ୟର ପରିଚାଳନା ଓ ଜୀବନ ଜୀବିକାର ବିଭିନ୍ନ ଦିଗ ଉପରେ ପଚାରି ବୁଝିଥିଲେ । ଭାବି ପ୍ରଶାସନିକ ଅଧିକାରୀମାନେ ଏହି ଗସ୍ତ କାଳରେ ବିଭିନ୍ନ ଫେଡେରେସନ୍‌ର ସଦସ୍ୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନଙ୍କ ସହ କଥାବାର୍ତ୍ତା କରିଥିଲେ ।

## ଯଶୀପୁରରେ ଏନ୍‌ଜିଓ ସମନ୍ୱୟ ବୈଠକ:

ବସୁନ୍ଧରା ଓ ମୟୂରଭଞ୍ଜର ଜିଲ୍ଲା ଜଙ୍ଗଲ ମଞ୍ଚର ମିଳିତ ପ୍ରୟାସରେ ଜଙ୍ଗଲ ଅଧିକାର ଅଧିନିୟମ ଉପରେ ଏକ ଦିନିକିଆ ଏନ୍‌ଜିଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲ ଅଧିକାର ଅଧିନିୟମରେ ପ୍ରଦାନ କରାଯାଉଥିବା ସମସ୍ତ ଅଧିକାରକୁ କିପରି ସୁନିଶ୍ଚିତ କରାଯାଇପାରିବ ତା ଉପରେ ଉପସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନମାନେ ନିଜ ନିଜର ମତ ରଖିଥିଲେ । ଯେହେତୁ ୨୦୨୪ ସୁଦ୍ଧା ରାଜ୍ୟରେ ଜଙ୍ଗଲ ଅଧିକାର ଅଧିନିୟମର କାର୍ଯ୍ୟକାରିତାକୁ ସମ୍ପୂର୍ଣ୍ଣ କରାଯିବ; ଏହି ଦୃଷ୍ଟିକୋଣରୁ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ମିଳିତ ବୈଠକ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା । ବୈଠକରେ ଜଙ୍ଗଲ ଅଧିକାର ଅଧୀନିୟମର ବୈଶିଷ୍ଟ୍ୟ, ଏହା ଅଧୀନରେ ଥିବା ବିଭିନ୍ନ ଅଧିକାର, ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ଓ ଭୂମିକା, ଜଙ୍ଗଲ ଅଧିକାର କମିଟି ଓ ଗ୍ରାମସଭା, ଜଙ୍ଗଲ ଅଧିକାର ଅଧୀନିୟମରେ ଆସୁଥିବା ଅଧିକାରୀଙ୍କ ଦାୟିତ୍ୱ, ଗୋଷ୍ଠୀ ସମ୍ବଳ ଅଧିକାର ଓ ଗୋଷ୍ଠୀ ବନ ସମ୍ବଳ ଅଧିକାରର ଅର୍ଥ, ବନ ସୁରକ୍ଷା ସମିତି ଓ ଗୋଷ୍ଠୀ ସମ୍ବଳ ଅଧିକାର ଭିତରେ ଥିବା ପାର୍ଥକ୍ୟ, ଗୋଷ୍ଠୀ ବନ ସମ୍ବଳ ଅଧିକାରର ଗୁରୁତ୍ୱ ଓ ଗୋଷ୍ଠୀ ଜଙ୍ଗଲ ପରିଚାଳନାର ଗୁରୁତ୍ୱ, ଜଙ୍ଗଲ ଅଧିକାର ଅଧୀନିୟମରେ ଗୋଷ୍ଠୀ ବନ ସମ୍ବଳ ଅଧିକାର ଓ ଗୋଷ୍ଠୀ ସମ୍ବଳ ଅଧିକାରର ଗୁରୁତ୍ୱ ଭଳି ବିଷୟ ଉପରେ ଆଲୋଚନା କରାଯାଇଥିଲା । ପ୍ରଦାନ, ଆର୍‌ସିଡିସି, ଗ୍ରାମସ୍ୱରାଜ ଭଳି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ ।



## ମନୋରମା ଇଣ୍ଡଷ୍ଟ୍ରିର ଓରିଏଣ୍ଟେସନ୍ ଡ୍ରାଇଭ୍:

ଶାଳ ମଞ୍ଜି ଓ ଆମ୍ବ କୋଇଲିର ବି ବଜାର ମୂଲ୍ୟ ରହିଛି । ଏହି ଲଘୁବନଜାତ ଦ୍ରବ୍ୟକୁ ବିକ୍ରିକରି ବନବାସୀମାନେ ଲାଭବାନ ହୋଇ ପାରିବେ । ଏନେଇ ବନବାସୀଙ୍କୁ ସୂଚନା ପ୍ରଦାନ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ବସୁନ୍ଧରା ସହଭାଗିତାରେ କନ୍ଧମାଳ ଜିଲ୍ଲାର ବଙ୍ଗଳାସାହିଠାରେ ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ମନୋରମା ଇଣ୍ଡଷ୍ଟ୍ରିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଆୟୋଜିତ ଏହି ବୈଠକରେ ୧୦୦ରୁ ଅଧିକ ଜଙ୍ଗଲ ନିର୍ଭରଶୀଳ ପ୍ରାଥମିକ ବନବାସୀ ଯୋଗଦେଇ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ ଉପରେ ଅନେକ ନୂଆ କଥା ଜାଣିଥିଲେ । ବିଶେଷ କରି ବୈଠକରେ ସେମାନଙ୍କୁ ଶାଳ ଓ ଆମ୍ବ କୋଇଲି ସଂଗ୍ରହ, ପ୍ରାଥମିକ ପ୍ରକ୍ରିୟାକରଣ, ସାମୁହିକ ବଜାରୀକରଣ ଓ ଲଘୁବନଜାତ ଦ୍ରବ୍ୟ ବିକ୍ରି କରିବାର ପ୍ରଭାବଶାଳୀ ଉପାୟ ବାବଦରେ ଆଲୋଚନା କରାଯାଇଥିଲା । ଜଙ୍ଗଲ ନିର୍ଭରଶୀଳ ସମ୍ପ୍ରଦାୟଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସହ ସ୍ଥାୟୀ ଜଙ୍ଗଲ ପରିଚାଳନା ଅଭ୍ୟାସ ଓ ସାମୁହିକ ବଜାରୀକରଣକୁ ପ୍ରୋତ୍ସାହିତ କରିବା ଦିଗରେ ହି ବୈଠକ ବେଶ ଫଳପ୍ରଦ ସାବ୍ୟସ୍ତ ହୋଇଛି ।



ଏପ୍ରିଲ ମାସରେ ମୟୂରଭଞ୍ଜ ଜିଲ୍ଲାର ବିସୋଇ ତହସିଲରେ କେସ୍ ରେକର୍ଡ ଦାଖଲ କରାଯାଇଛି । ୭୧୯ ବ୍ୟକ୍ତିଗତ ଜଙ୍ଗଲ ଅଧିକାର, ୨୩ ଗୋଷ୍ଠୀଗତ ଅଧିକାର, ଗୋଷ୍ଠୀଗତ ଜଙ୍ଗଲ ଅଧିକାର

## ଜୁଆଙ୍ଗ ପିଢ଼ ପାରମ୍ପରିକ ନେତାଙ୍କ ସହ ବୈଠକ:

କେନ୍ଦୁଝର ଜିଲ୍ଲା ଗୋନାସିକା ସ୍ଥିତ ଜୁଆଙ୍ଗ ବିକାଶ ପରିଷଦ କାର୍ଯ୍ୟାଳୟ ପରିସରରେ ଜୁଆଙ୍ଗ ପିଢ଼ ପାରମ୍ପରିକ ନେତାଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୁଆଙ୍ଗ ପିଢ଼ର ବାସସ୍ଥାନ ଅଧିକାର ବାବଦରେ ଆଲୋଚନା କରିବା ପାଇଁ ଏହି ବୈଠକକୁ ଜୁଆଙ୍ଗ ମହାପିଢ଼ଙ୍କ ଦ୍ୱାରା ଡକାଯାଇଥିଲା । ଏହି ବୈଠକରେ ପିଏ ଆଇଟିଡିଏ କେନ୍ଦୁଝର, ଜେଡିଏ ଗୋନାସିକାର ସ୍ୱତନ୍ତ୍ର ଅଧିକାରୀ, ଗୋନାସିକା ବନାଞ୍ଚଳ ଅଧିକାରୀ, କେନ୍ଦୁଝର ସବ୍‌ଡିଭିଜନ୍‌ର ଏଡିଡବ୍ଲ୍ୟୁ ଓ ଜୁଆଙ୍ଗ ପିଢ଼ର ପାରମ୍ପରିକ ନେତାମାନେ ଯୋଗ ଦେଇଥିଲେ । ବସୁନ୍ଧରା ଏହି ବୈଠକରେ ଏକ ରିସୋର୍ସ ଅନୁଷ୍ଠାନ ଭାବେ ଯୋଗ ଦେଇଥିଲା । ବନ ବିଭାଗ ଦ୍ୱାରା ଉଠାଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ବସୁନ୍ଧରା ଏହି ବୈଠକରେ ଉପସ୍ଥାପିତ କରିଥିଲା ।



## ଆରମ୍ଭ ହେଲା ଡବ୍ଲ୍ୟୁଏଚ୍ଏଚ୍ କାର୍ଯ୍ୟକ୍ରମ:



ଛତିଶଗଡର ତିଲ୍‌ଦାଠାରେ ଏହାର ନୂତନ ସହଭାଗୀ ସଙ୍ଗଠନ ପାଇଁ ଏକ ତିନିଦିନିଆ କାର୍ଯ୍ୟକ୍ରମ ୱେଲ୍‌ଥହଙ୍ଗରହାଇଲାଇଫ୍ ପକ୍ଷରୁ ଆୟୋଜିତ ହୋଇଯାଇଛି । ଯେଉଁଥିରେ କାର୍ଯ୍ୟକ୍ରମର ରୂପରେଖ ଓ ଆସନ୍ତାବର୍ଷ ପାଇଁ ରହିଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା । ଏଥିରେ ବସୁନ୍ଧରାର ପ୍ରକଳ୍ପ ସଦସ୍ୟ ସମେତ ଅନୁଷ୍ଠାନ ଦ୍ୱାରା ଚୟନ କରାଯାଇଥିବା କ୍ଷେତ୍ର ଗୁଡିକରେ କାମ କରିବାକୁ ସ୍ଥିର ହୋଇଥିବା ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ । ପରେ ବସୁନ୍ଧରାର ମୁଖ୍ୟ କାର୍ଯ୍ୟାଳୟ ପରିସରରେ କ୍ଷେତ୍ରସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଏକ ଦୁଇଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ସାଙ୍ଗଠନିକ ସ୍ତରରେ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବା ସହ ଚୂଡାନ୍ତ କାର୍ଯ୍ୟଧାରା ନୟାଗଡ ଓ କେନ୍ଦୁଝର ପ୍ରତିନିଧିଙ୍କ ପାଇଁ ଜାରି କରାଯାଇଥିଲା । ଯାହାକି ଆସନ୍ତା ଦିନରେ ଉକ୍ତ ଦୁଇ ଜିଲ୍ଲାର କ୍ଷେତ୍ର ଅଧିକାରୀମାନେ ଅନୁଧ୍ୟାନ କରି କାମ କରିବେ ।




## କୁଆଁରିଆ ମହୋତ୍ସବରେ ଆଦିଭୂମି ମହିଳା ସଂଘ:

ଫେବୃୟାରୀ ମାସରେ ଆଦିଭୂମି ମହିଳା ସଂଘ ଗଠନ ହେବା ପରେ ପ୍ରଥମଥର ପାଇଁ ଚଳିତ ମାସ ସଂଘର ମହିଳାମାନେ କୁଆଁରିଆ ମହୋତ୍ସବରେ ଯୋଗ ଦେଇଥିଲେ । ଓଡିଶା ଜୀବିକା ମିଶନ ଓ ଓର୍‌ମାସ ସହାୟତାରେ ଆୟୋଜିତ ଏହି ମହୋତ୍ସବରେ ସଂଘର ମହିଳାମାନେ ୫ଟି ଲଘୁବନଜାତ ଦ୍ରବ୍ୟ ବିକ୍ରିବଟା ଉପରେ ଗୁରୁତ୍ୱାରୋପ କରିଥିଲେ । ସେଗୁଡିକ ହେଲା ହଳଦୀ, ଝାଡୁ, ହରିଡା, ବାହାଡା ଓ କୋଳଥ ଡାଲି । ଦୁଇ ଦିନିଆ ଏହି ମହୋତ୍ସବରୁ ମା'ମାନେ ପାଖାପାଖି ୧୩ ହଜାର ୮୦୦ ଟଙ୍କା ରୋଜଗାର କରିଛନ୍ତି । ବର୍ତ୍ତମାନ ଆଦିଭୂମି ମହିଳା ସଂଘରେ ୧୧୦୦ ସଦସ୍ୟ ରହିଛନ୍ତି । ଯେଉଁମାନେ କି ଦଶପଲ୍ଲା ବ୍ଲକ୍‌ର ୬୦ଟି ବିଭିନ୍ନ ଗାଁରୁ ୫୦ଟି ଉତ୍ପାଦକ ଗୋଷ୍ଠୀର ସଦସ୍ୟ ଅଟନ୍ତି ।

## ବୈଠକ ଓ ତାଲିମ

୧. ଦେଓଗଡଠାରେ ବସୁନ୍ଧରା ଲାଇଭ୍‌ଲିହୁଡ ଦଳର ସମୀକ୍ଷା ଓ ଯୋଜନା ବୈଠକ ।

୨. ଆଞ୍ଚଳିକ ବିଓଡି ବୈଠକ- ବନଗଛ, ଦଶପଲ୍ଲା

୩. ଦଶପଲ୍ଲା, ନୂଆଗାଁ ଓ ଗଣିଆରୁ ଶାଳ ମଞ୍ଜି କିଣିବା ସମ୍ପର୍କରେ ଓଡିଶା ଜୀବିକା ମିଶନ୍ ଡିପିଏମ୍‌ଙ୍କ ସହ ବୈଠକ ।

୪. ଏବିଏମ୍‌ଏସ୍ ୟୁନିୟନ୍‌ଙ୍କ ବିଓଡି ବୈଠକ ।

୫. ଜଙ୍ଗଲ ଅଧିକାର ଅଧୀନିୟମ ସମ୍ପର୍କରେ କପ୍ତିପଦା ବ୍ଲକ୍ ରାଇପୋଖରୀ ଗ୍ରାମପଞ୍ଚାୟତର ପିଇଓ, ୱାର୍ଡ ମେମ୍ବର ଓ ସରପଞ୍ଚଙ୍କ ସହ ବୈଠକ ।

୬. ଚଢ଼ିଆପାଲ୍ଲୀ ପଞ୍ଚାୟତରେ ପିଆର୍‌ଆଇ ସଦସ୍ୟଙ୍କ ସହ ପଞ୍ଚାୟତ ସ୍ତରୀୟ ବୈଠକ ।

୭. ଡକ୍ଟର ପ୍ରେମାନନ୍ଦ ପଣ୍ଡାଙ୍କ ଦ୍ୱାରା ନିଡ ଆସେସ୍‌ମେଣ୍ଟ ଷ୍ଟଡି ଉପରେ ତାଲିମ କାର୍ଯ୍ୟକ୍ରମ ।

**ସିଏଫ୍‌ଆର୍‌ଏମ୍‌ସି ଗଠନ:**
ଧାଙ୍ଗିସାହି ଗାଁ, ଉଲିସାହି ଗାଁ

**ଜିପିଏସ୍ ମ୍ୟାପିଂ ଶେଷ:**

ଚିଦୁକୁବାଡି ଗାଁ, ରାଇରଙ୍ଗପୁର ତହସିଲ

**ସିଆର୍/ସିଏଫ୍‌ଆର ଯୁଗ୍ମ ଅନୁସନ୍ଧାନ:**
ଜାରକାନିବେଡା ଗାଁ

## ଦଶପଲ୍ଲା ହେବ ଏନ୍‌ଟିଏଫ୍‌ପି କ୍ଲଷ୍ଟର:

୨୦୨୪ ବର୍ଷ ପାଇଁ ଦଶପଲ୍ଲା ବ୍ଲକ୍ ଏକ ଲଘୁବନଜାତ ଦ୍ରବ୍ୟ କ୍ଲଷ୍ଟର (ଏନ୍‌ଟିଏପ୍‌ପି) । ବସୁନ୍ଧରା ସହାୟତାରେ ଓଡିଶା ଜୀବିକା ମିଶନ୍ (ନୟାଗଡ)ର ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୀୟ କୁମାର ମହାପାତ୍ର ଦଶପଲ୍ଲାକୁ ନେଇ ଏଭଳି ପରିକଳ୍ପନା କରିଥିବା ବେଳେ ଏନେଇ ବସୁନ୍ଧରାକୁ ସୁନିଶ୍ଚିତ କରିଛନ୍ତି । ଆଉ ଏହାକୁ ସାକାର କରିବାକୁ ତୁରନ୍ତ କାମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଲଘୁବନଜାତ ଦ୍ରବ୍ର ସଂଗ୍ରହ ଓ ବିକ୍ରିବଟାକୁ ନେଇ ନୟାଗଡ ଜିଲ୍ଲା ଦଶପଲ୍ଲା ଅଞ୍ଚଳରେ ଅନେକ ସମ୍ଭବାନା ରହିଛି । ଏଠାରେ ଶାଳ, ଶିଆଳିଠାରୁ ଆରମ୍ଭ କରି ହରିଡା, ବାହାଡା, ଅଁଳା, ତେନ୍ତୁଳି, କୁସୁମ, କରଞ୍ଜୀ ଭଳି ୭୫ଟି ଲଘୁବନଜାତ ଦ୍ରବ୍ୟ ବହୁଳ ମାତ୍ରାରେ ମିଳେ । ଥରେ ଏନ୍‌ଟିଏଫ୍‌ପି କ୍ଲଷ୍ଟର ଟ୍ୟାଗ୍ ମିଳିବା ପରେ ଏହା ସମସ୍ତ ବନବାସୀଙ୍କୁ ଲଘବନଜାତ ଦ୍ରବ୍ୟ ବିକ୍ରି କରିବାରେ ସାହାଯ୍ୟ କରିବ । କେବଳ ସେତିକି ନୁହେଁ ଜଙ୍ଗଲ ଉପରେ ନିର୍ଭରଶୀଳ ପ୍ରାଥମିକ ସଂଗ୍ରହକାରୀଙ୍କୁ ଦକ୍ଷତା ବିକାଶ ତାଲିମ ମିଳିବ । ବିଭିନ୍ନ ଲଘୁବନଜାତ ଦ୍ରବ୍ର ପ୍ରକ୍ରିୟାକରଣ ପାଇଁ ୟୁନିଟ୍ ସ୍ଥାପିତ ହେବା ସହ ଏହାର ବଜାରୀକରଣ ସମ୍ଭବ ହେବ







**ଆଦିଭୂମି ମହିଳା ସଂଘର ବୋଘାବାଡି ଓ ତୁମୁଡିବନ୍ଧ ଅଞ୍ଚଳର ମହିଳା ସଦସ୍ୟ ଶିଆଳି ପତ୍ରରେ ଖଲି ତିଆରି କରିବା ବାବଦରେ ତାଲିମ ଦିଆଯାଇଥିଲା । ଏଥିରେ ୧୦ଟି ମହିଳା ପିଜିର ସଦସ୍ୟମାନେ ଯୋଗଦେଇଥିଲେ ।**

# ଇଣ୍ଟର୍ଣ୍ଣସିପ୍ ଡାଏରିଜ୍



ଏହି ଏକ ମାସର ଅବଧି ଭିତରେ ମୁଁ ଜଙ୍ଗଲ ଅଧିବାସୀଙ୍କ ଜୀବନ ଓ ଜୀବନଶୈଳୀ, ସେମାନଙ୍କ ସଂସ୍କୃତି ସ ପରମ୍ପରା, ଅଭ୍ୟାସ, ରୀତିନୀତି, ଭାଷା, ରହଣି ବ୍ୟବସ୍ଥା, ଘରର ଡିଜାଇନିଂ ସହ ସାମାଜିକ ବିଧି ବ୍ୟବସ୍ଥା ବାବଦରେ ଅନେକ କଥା ଜାଣିବାକୁ ପାଇଲି । କେବଳ ସେତିକି ନୁହେଁ ଏକ ଆଭ୍ୟନ୍ତରୀଣ ଗ୍ରାମୀଣ ସମ୍ପ୍ରଦାୟ ସହ ରହିବାର ସୁଯୋଗ ପାଇଲି ଓ ସେମାନଙ୍କ ଜୀବନ ଶୈଳୀକୁ ପାଖରୁ ନିରିଖି ଦେଖିବାର ସୁଯୋଗ ପାଇଲି ।

ସୁପ୍ରିୟୋ ସାଧୁ
ବିଶ୍ୱ ଭାରତୀ ବିଶ୍ୱ ବିଦ୍ୟାଳୟ

ଜଙ୍ଗଲ ଅଧିବାସୀ କିପରି ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରନ୍ତି ଓ ଏହାକୁ ବିକ୍ରି କରି କିପରି ନିଜର ଗୁଜୁରାଣ ମେଣ୍ଟାନ୍ତି ସେ ବାବଦରେ ଜାଣିବାକୁ ସୁଯୋଗ ପାଇଲି ।

ଗାର୍ଗୀ ଭଣ୍ଡାରୀ
ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ।

ଇଣ୍ଟର୍ଣ୍ଣସିପ୍ ସମୟରେ ମୋର ପ୍ରମୁଖ ଶିକ୍ଷା ଜଙ୍ଗଲ ଅଧିକାର ଅଧୀନିୟମ (ଏଫ୍ଆର୍ଏ) ଉପରେ ରହିଥିଲା । ଏଫ୍ଆର୍ଏ ସମ୍ପୂର୍ଣ୍ଣ ଭାବେ କିପରି ଜଙ୍ଗଲ ବାସୀନ୍ଦାଙ୍କ ଉପରେ ପ୍ରଭାବ ପକାଉଛି; କିପରି ଏହା ଜଣଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି ତାହା ଜାଣିବାର ସୁଯୋଗ ପାଇଲି ।

ମଣିଦୀପା ଶାହା , ବିଶ୍ୱ ଭାରତୀ ବିଶ୍ୱ ବିଦ୍ୟାଳୟ ।

ଗୋଟିଏ ମାସର ଅବଧି ଭିତରେ ମୁଁ ଗାଁ ସ୍ତରରେ ଉତ୍ପାଦକ ଗୋଷ୍ଠୀର ଗଠନ, ଏମାନଙ୍କ ପାଇଁ ହେଉଥିବା ବିଭିନ୍ନ ପ୍ରକାର ତାଲିମ ଓ ଏସବୁ ପ୍ରକ୍ରିୟା ଜଣେ ମହିଳା ଉତ୍ପାଦକ ଗୋଷ୍ଠୀର ଜୀବନକୁ ପ୍ରଭାବିତ କରୁଛି ତାହା ଖୁବ୍ ପୁଙ୍ଖାନୁପୁଙ୍ଖଭାବେ ଅନୁଧ୍ୟାନ କରିବାର ଓ ସେସବୁକୁ ଜାଣିବାର ସୁଯୋଗ ପାଇଲି ।

ବିଦିଷା ମିଶ୍ର
ବିଶ୍ୱ ଭାରତୀ ବିଶ୍ୱ ବିଦ୍ୟାଳୟ ।